ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ
ଭୁବନେଶ୍ୱର, ୨୦୨୫, ଡିସେମ୍ବର ୦୬

# ଏସଆଇଆର ପାଇଁ ଜୀବନ ତୁଚ୍ଛ !



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)

ଭୋଟର ତାଲିକା ଯାଂଚ ପାଇଁ ଏବେ ୯ଟି ରାଜ୍ୟ ଓ ୩ଟି କେନ୍ଦ୍ରଶାସିତ ଅଂଚଳରେ ଚାଲିଥିବା ସ୍ପେଶାଲ ଇଟେଂନସିଭ୍ ରିଭିଜନ (ଏସଆଇଆର) ପ୍ରକ୍ରୀୟାରେ ନିୟୋଜିତ ବୁଥସ୍ତରୀୟ ଅଫସର (ବିଏଲଓ)ମାନଙ୍କ ପାଇଁ କେବଳ ଆତଙ୍କର କାରଣ ହୋଇନାହିଁ, ସେମାନଙ୍କର ଜୀବନ ତୁଚ୍ଛ ହୋଇପଡିଛି ବୋଲି କହିଲେ ଅତିରଂଜିତ ହୋଇନପାରେ । ମିଳିଥିବା ସୂଚନା ଅନୁଯାୟୀ କାମର ଚାପ ଓ ତାଗିଦ ପାଇଁ ପଶ୍ଚିମବଙ୍ଗରେ ୧୨ଜଣ ଏବଂ ଉତରପ୍ରଦେଶରେ ୯ଜଣ ବିଏଲଓ ଜୀବନ ହାରିଥିବା ବେଳେ ୪୦ଜଣ ଆତ୍ମହତ୍ୟା କରିଥିବା ଅଭିଯୋଗ ହୁଏ । ଭୋଟର ତାଲିକା ଅପଡେଟ୍ (ସଂଶୋଧନ) କରିବା କାର୍ଯ୍ୟରେ ନିୟୋଜିତ ବିଏଲଓ, ଯେଉଁମାନେ କି ଶିକ୍ଷକ, ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ କାର୍ଯ୍ୟ ସରିବା ଚାପ ଯୋଗୁଁ ପଦସ୍ଥ ଅଫିସର ଓ ନିର୍ବାଚନ କମିଶନଙ୍କ ଦ୍ୱାରା ଭର୍ତ୍ସିତ, ଅପଦସ୍ଥ ହେବା ପୂର୍ବରୁ ମାନସିକ ଭାରସାମ୍ୟ ହରାଇ ଶେଷରେ ଜୀବନକୁ ତୁଚ୍ଛ କରି ଆତ୍ମହତ୍ୟା କରିବା ପାଇଁ ଚରମପନ୍ଥା ବାଛି ନେଇଥିବା କୁହାଯାଇପାରେ । ଦିନକୁ ଦିନ ଦେଶର ବିଭିନ୍ନ ରାଜ୍ୟରେ ବିଏଲଓମାନଙ୍କ ଆତ୍ମହତ୍ୟା ଘଟଣା ବୃଦ୍ଧି ପାଇବାରେ ଲାଗିଛି । ବିରୋଧି ଦଳମାନଙ୍କର ଦାବି, ଉଦ୍‌ବେଗ ଏବଂ ପରିସ୍ଥିତିକୁ ଦୃଷ୍ଟିରେ ରଖି ନିର୍ବାଚନ କମିଶନ ବିଏଲଓମାନଙ୍କ ପ୍ରାପ୍ୟ ବୃଦ୍ଧି ସହ ଆଉ ୭ଦିନ ସମୟ ବୃଦ୍ଧି କରିଥିବା ସତ୍ତ୍ୱେ ଆତ୍ମହତ୍ୟା ଘଟଣା ଥମିବାରେ ନାଁ ଧରୁ ନାହିଁ କିମ୍ବା ପରିସ୍ଥିତିରେ ସୁଧାର ପାଇଁ ସହାୟକ ହୋଇପାରିନାହିଁ । ଉଲ୍ଲେଖଯୋଗ୍ୟ ଯେ, ବିହାରରେ ଶେଷ ହୋଇଥିବା ଏସଆଇଆରକୁ ନେଇ ବିରୋଧି ଦଳର ତୀବ୍ର ବିରୋଧ କାହାରିକୁ ଅଛପା ନାହିଁ । ସେହିପରି ନିଜକୁ ଭାରତର ଭୋଟର ପ୍ରମାଣିତ କରିବା ପାଇଁ ନିର୍ବାଚନ କମିଶନ ଆଧାର, ଭୋଟର ପରିଚୟ ପତ୍ର ଓ ରେସନ କାର୍ଡକୁ ବାଦ୍ ଦେଇ ରଖିଥିବା ୧୩ଟି ଦସ୍ତାବିଜୁ ନେଇ ମାମଲା ଏବେ ସୁପ୍ରିମକୋର୍ଟରେ ବିଚାରାଧୀନ ରହିଛି ।। ଅବଶ୍ୟ ସୁପ୍ରିମକୋର୍ଟଙ୍କ କଡା ନିର୍ଦ୍ଦେଶ ଯୋଗୁଁ ଶେଷରେ ନିର୍ବାଚନ କମିଶନ ଆଧାର'କୁ ପରିଚୟ ପତ୍ର ଭାବେ ଗ୍ରହଣ କରିଛନ୍ତି । ଏହା ସତ୍ତ୍ୱେ ଭୋଟଦାତା ନିଜକୁ ନାଗରିକ ଭାବେ ପ୍ରମାଣିତ କରିବାକୁ ନାକେଦମ୍ ହେବାକୁ ପଡୁଥିବା ଜଣାଯାଏ । କେବଳ ଏତିକି ନୁହେଁ, ଏସଆଇଆରକୁ ଅଣବିଜେପି ଶାସିତ ରାଜ୍ୟସରକାରମାନେ ଦୃଢ ବିରୋଧ କରିଥିବାବେଳେ ପାର୍ଲିଆମେଂଟର ତିନି ଦିନ ଧରି ସଂସଦ ଅଚଳ ହେବା ପରେ ଶେଷରେ ସରକାର ଆଲୋଚନା କରିବା ପାଇଁ ରାଜି ହୋଇଛନ୍ତି । ଆସନ୍ତା ୯ତାରିଖ ଦିନ ଏସଆଇଆର ଉପରେ ସ୍ୱତନ୍ତ୍ର ଆଲୋଚନା ପାର୍ଲିଆମେଂଟରେ ହେବ, ଯାହାକି ଏକ ସ୍ୱାଗତଯୋଗ୍ୟ ନିଷ୍ପତି ବୋଲି କୁହାଯାଇପାରିବ । ଏହା ନିସନ୍ଦେହ ଯେ, ନିର୍ବାଚନ ପ୍ରକ୍ରୀୟାରେ ସ୍ୱଚ୍ଛତା ପାଇଁ ଭୋଟର ତାଲିକା ଅପଡେଟ୍ ଏବଂ ଯାଂଚ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରକ୍ରୀୟା କିନ୍ତୁ ଏହା ଅତ୍ୟନ୍ତ ଜରୁରୀ ଯେ, ଭୋଟଦାତା ବିରୋଧି ରାଜନୈତିକ ଦଳ ଏବଂ ଏପରିକି ଭୋଟର ତାଲିକାର ସ୍ୱତନ୍ତ୍ର ଯାଂଚ ତଥା ଏସଆଇର କାର୍ଯ୍ୟରେ ନିୟୋଜିତ କର୍ମଚାରୀଙ୍କ ଉଦ୍‌ବେଗ ପ୍ରତି ନିର୍ବାଚନ କମିଶନ ଅଗ୍ରାଧିକାର ଭିତିରେ ଧ୍ୟାନ ଦେବା ସହ ସମସ୍ତ ପ୍ରକ୍ରୀୟାକୁ ଖୋଲା ରଖିବା ଜରୁରୀ । ଉଲ୍ଲେଖଯୋଗ୍ୟ ଯେ, ବିହାର ବିଧାନସଭା ନିର୍ବାଚନ ପୂର୍ବରୁ ଗତ ଜୁନ ୨୪ରେ ନିର୍ବାଚନ କମିଶନଙ୍କ ଦ୍ୱାରା ଘୋଷିତ ଏସଆଇଆର ସମୟକୁ ସର୍ବୋଚ୍ଚ ଅଦାଲତ ପ୍ରଶ୍ନ ଉଠାଇଥିବାବେଳେ ବିରୋଧ ଦଳଗୁଡିକ ମଧ୍ୟ ତୀବ୍ର ବିରୋଧ କରିଥିଲେ । ଏସଆଇଆର ପାଇଁ କମିଶନ ଗ୍ରହଣ କରିଥିବା ୧୩ଟି ଦସ୍ତାବିଜ ମଧ୍ୟରୁ ଗୋଟିଏ ଉପସ୍ଥାପିତ କରିବାକୁ ଲୋକକମାନେ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଥିବା ଗ୍ରାଉଣ୍ଡରୁ ଜଣାପଡିଥିବାବେଳେ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଯାଂଚ ପ୍ରକ୍ରୀୟ ଶେଷ କରିବାକୁ ନିର୍ବାଚନ କମିଶନଙ୍କ ଚେତାବନୀ ବିଏଲଓମାନଙ୍କୁ ମରଣ ମୁହଁକୁ ଠେଲି ଦେଇଛି । ଯାହାର ପରିଣତି ହେଉଛି, ବିଏଲଓମାନଙ୍କ ଘଟଣା ବୃଦ୍ଧି ପାଇବା ଦେଶରେ ନାଗରିକଙ୍କ ପଂଜୀକରଣ କରିବା ନ୍ୟାଶନାଲ ସିଟିଜନ୍ ଅଫ୍ ରେଜିଷ୍ଟ୍ରାର(ଏନଆରସି)ଙ୍କ କାର୍ଯ୍ୟ । କିନ୍ତୁ ନିର୍ବାଚନ କମିଶନଙ୍କ ଭୋଟର ତାଲିକା ଯାଂଚ ପାଇଁ ଏସଆଇଆର ପ୍ରକ୍ରିୟା ନାଗରିକତ୍ୱ ପ୍ରମାଣ ପାଇଁ ଏନଆରସିର ଏକ ପଛଦ୍ୱାର ଖୋଲି ଦେଇଥିବା ପଥ ସଦୃଶ ହୋଇଛି । ଯାହାକି ନିର୍ବାଚନ କମିଶନଙ୍କ କାର୍ଯ୍ୟ ନୁହେଁ ।

*ସମ୍ମାନ ଭବନ,*
*ପ୍ଲଟ ନଂ-୫୮/୩୫୮୧,*
*ଗାଙ୍ଗୋତ୍ରୀ ନଗର,*
*ରୋଡ ନଂ-୩, ଶିଶୁପାଳଗଡ*

# ସର୍ବବ୍ୟାପୀ ଶିରିଡ଼ି ସାଇ



ଅଲେଖ ଚନ୍ଦ୍ର ସାମଲ

ଶିରିଡ଼ି ସାଇବାବାଙ୍କ ସକ୍ରିୟ ଉପସ୍ଥିତି ସଂପର୍କରେ ସଂପ୍ରତି ଏତେ କଥା ଶୁଣାଯାଉଛି ଯେ ତାହାକୁ ଶୁଣିବା ପରେ ଆମପରି ସାଧାରଣ ଲୋକଙ୍କ ମନରେ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହେଉଛି । ସତରେ କ'ଣ ବାବା ଏବେ ମଧ୍ୟ ସକ୍ରିୟ ଅଛନ୍ତି ଏବଂ ନିଜର ଭକ୍ତମାନଙ୍କୁ ସୁରକ୍ଷା ପ୍ରଦାନ କରୁଛନ୍ତି ? ସେମାନଙ୍କ ଭାଗ୍ୟକୁ ନିୟନ୍ତ୍ରଣ କରୁଛନ୍ତି ? କିମ୍ବା ଏହା କାକତାଳ ନ୍ୟାୟରେ ଘଟି ଯାଉଛି ଏବଂ ଆମେ ବୁଝିନପାରି ଏହାକୁ ବାବାଙ୍କର ଦିବ୍ୟଲୀଳା କହି ଆତ୍ମସନ୍ତୋଷ ଲାଭ କରୁଛେ ? ସତରେ ଶିରିଡ଼ି ସାଇନାଥ କ'ଣ ସର୍ବବ୍ୟାପୀ, ସର୍ବଜ୍ଞାତା ଏବଂ ସର୍ବଶକ୍ତିମାନ ? ବାବାଙ୍କର ଭକ୍ତମାନେ କୁହନ୍ତି ଏହି ପ୍ରଶ୍ନର ଉତର ଅତି ସହଜ । କାରଣ ବାବା ଏବେ ମଧ୍ୟ ଜୀବିତ ରହି ତାଙ୍କର ଲୀଳା କରିଚାଲିଛନ୍ତି । କାରଣ ସେ ହେଉଛନ୍ତି ପରମବ୍ରହ୍ମ ଯାହାଙ୍କର ବିନାଶ ନାହିଁ । ସେ ସଗୁଣ ହୋଇ ଯେଉଁ ଶରୀର ଗ୍ରହଣ କରିଥିଲେ ତାହା ୧୯୧୮ ମସିହା ଅକ୍ଟୋବର ୧୫ ତାରିଖରେ ସମାଧି ନେଇଛି । କାରଣ ଶରୀରର ସୃଷ୍ଟି ହୋଇଥିଲା ଏବଂ ଯାହାର ସୃଷ୍ଟି ଅଛି ତାହାର ବିନାଶ ନିଶ୍ଚିତ । ବାବାଙ୍କ ଶରୀରର ବା ଏହି ଚିରନ୍ତନ ପ୍ରକ୍ରିୟାରୁ କିପରି ବାଦ ପଡ଼ିବ ? ବାବା ଏବେ କେବଳ ସକ୍ରିୟ ନାହାଁନ୍ତି, ଅଧିକ ସକ୍ରିୟ ହୋଇ କାର୍ଯ୍ୟ କରୁଛନ୍ତି । ଆମେ ସମସ୍ତେ ଜାଣିଛେ ଯେ ସିଦ୍ଧ ପୁରୁଷଙ୍କର ମୃତ୍ୟୁ ନାହିଁ । ତେଣୁ ବାବାଙ୍କର ମୃତ୍ୟୁର ପ୍ରଶ୍ନ ଉଠୁନାହିଁ । କାରଣ ସେ ତ ଅବତାରୀ ପୁରୁଷ ଥିଲେ । ନିଜର ଭକ୍ତମାନଙ୍କ ମଧ୍ୟରେ ଶ୍ରଦ୍ଧା ଭାତୃତ୍ୱ ଏବଂ ସମାନତାର ବା[illegible] । ପ୍ରଚାର କରିବା ନିମନ୍ତେ ସେ ମାନବ ଶରୀର ଧାରଣ କରିଥିଲେ । ତାଙ୍କ ଦରବାରରେ ରାଜା ଏବଂ ରଙ୍କ ସମାନ ଥିଲେ । ସମସ୍ତଙ୍କର ସମାନ ଅଧିକାର ସେଠାରେ ଥିଲା ଏବଂ ସମସ୍ତଙ୍କ ପ୍ରତି ବାବାଙ୍କର ସମାନ ଦୃଷ୍ଟିଭଙ୍ଗୀ ମଧ୍ୟ ରହୁଥିଲା । ବାବାଙ୍କ ପାଖରେ ଏକାଠି ହେଉଥିବା ଭକ୍ତମାନେ ବିଭିନ୍ନ ପନ୍ଥାର ଥିଲେ । ସେଥିପ୍ରତି ପ୍ରାଧାନ୍ୟ ନଦେଇ ସମସ୍ତଙ୍କର କିପରି କଲ୍ୟାଣ ହୋଇପାରିବ ତାହା ଉପରେ ବାବା ପ୍ରାଧାନ୍ୟ ଦେଉଥିଲେ । ତେଣୁ ଭକ୍ତମାନଙ୍କର ତାଙ୍କ ଉପରେ ଅଗାଧ ବିଶ୍ୱାସ ଥିଲା । ସମସ୍ତଙ୍କ ଭାଗ୍ୟ ଉପରେ ତାଙ୍କର ନିୟନ୍ତ୍ରଣ ଥିଲା, ଯାହା ଏବେ ବି ରହିଛି ।

ଆମେ ଅନେକ ସମୟରେ ବାବାଙ୍କ ଲୀଳା ବା ପ୍ରତ୍ୟକ୍ଷତା ସମ୍ବନ୍ଧରେ ଆଲୋଚନାକରୁ ବା ଶୁଣିଥାଉ । ଜଣେ ଭକ୍ତଙ୍କ ଅଲୌକିକ କାହାଣୀ ଏଠାରେ ଉଲ୍ଲେଖ କରୁଛି । ଥରେ ଜଣେ ବାବାଙ୍କ ଦର୍ଶନ ନିମନ୍ତେ ଶିରିଡ଼ି ଯାଇଥିଲେ । ସେଠାରେ ଦଶଦିନ ରହିବାପରେ ସେ ବାବାଙ୍କ ଦରବାରରୁ ବିଦାୟ ନେଇ ସ୍ୱଗୃହକୁ ପ୍ରତ୍ୟାବର୍ତନ କରିବାକୁ ପ୍ରସ୍ତୁତ ହେଉଥିଲେ । ତାଙ୍କର ମନଟା ବି ଭଲ ଲାଗୁନଥାଏ । କାରଣ ଦଶଦିନ ବାବାଙ୍କ ପାଖରେ ରହିବା ପରେ ତାଙ୍କୁ ଛାଡ଼ିଯିବାକୁ ମନ ହେଉନଥାଏ । ସକାଳେ ସେ ବାବାଙ୍କ ଦରବାରରୁ ତୁଳସୀ ପ୍ରସାଦ ଗ୍ରହଣ କରିଥିଲେ । ତାହା ଥିଲା ତାଙ୍କ ନିମନ୍ତେ ସବୁଠାରୁ ଆନନ୍ଦର କଥା । ବାବାଙ୍କ କଥା ଭାବୁଥିବାବେଳେ ସାଇ ସଂସ୍ଥାନର ଜନୈକ ଟ୍ରଷ୍ଟି ଆସି ତାଙ୍କୁ କହିଲେ ଯେ ବାବାଙ୍କ ସ୍ଥାନ ଛାଡ଼ି ଯିବା ପୂର୍ବରୁ ତାଙ୍କର ଅନୁମତି ନେଇଯିବା ଭଲ ହେବ । ତେଣୁ ସେ ଏକ ନଡ଼ିଆ ନେଇ ଦ୍ୱାରିକାମାୟୀକୁ ଯାଇ ବାବାଙ୍କ ଠାରୁ ଅନୁମତି ନେଇଯିବା ଠିକ୍ ହେବ । ଭକ୍ତ ଜଣକ ତାହା କଲେ । ମଧ୍ୟାହ୍ନ ଆଳତୀର ପରେ ପରେ ସେ ନଡ଼ିଆ ଏବଂ ଧୂପ ଧରି ଦ୍ୱାରିକାମାୟୀକୁ ଚାଲିଲେ । ଦ୍ୱାରିକାମାୟୀରେ ପହ[illegible]ବା ପରେ ସେ ନଡ଼ିଆଟିକୁ ଦାନବାକ୍ସ ଉପରେ ଥୋଇ ଦେଇ ବାବାଙ୍କ ଉଦ୍ଦେଶ୍ୟରେ ସାଷ୍ଟାଙ୍ଗ ପ୍ରଣାମ କଲେ । ତାହାପରେ ଧୂପ ଲଗାଇ ବାବାଙ୍କ ଫଟୋ ପାଖକୁ ନେବା ବେଳକୁ ହଠାତ୍ ଦେଖିଲି ଯେ ବାବାଙ୍କ ଫଟୋ ପାଖରେ ଥିବା ବିଦ୍ୟୁତ୍ ବଲବ ଦୁଇଟି ଖୁବ୍ ଜୋରରେ ଧପ ଧପ ହେଉଛି । ଏହା ଦେଖି ଭକ୍ତ ଜଣକ ଭାବିଲେ ଯେ ବୋଧେ ସେ କିଛି ଭୁଲ କରିଦେଲେ । ଯାହାଫଳରେ ବାବା ନିଜର ଅସନ୍ତୋଷ ବିଦ୍ୟୁତ୍ ବଲବ ମାଧ୍ୟମରେ ଜଣାଉଛନ୍ତି । କାରଣ ଅନ୍ୟ ସବୁ ବଲବ ଠିକ୍ ଜଳୁଥାଏ । ତାଙ୍କର ଭୁଲ ସୁଧାରିବାକୁ ବାବା ଏହି ଲୀଳା କରୁଛନ୍ତି ବୋଲି ସେ ଭାବିଲେ । ସେ ହଠାତ୍ ପଛକୁ ଚାହିଁ ଦେଖିଲେ ଯେ ଦାନବାକ୍ସ ଉପରେ ସେ ଯେଉଁ ନଡ଼ିଆଟି ରଖିଥିଲେ ତାହା ସେଠାରେ ନାହିଁ । ଦାନବାକସ ଉପରୁ ନଡ଼ିଆ କିଏ ନେଲା ବୋଲି ସେ ବେଶ ବଡ଼ ପାଟିରେ କହିଲେ । ସେ ଏହା କହିବା ମାତ୍ରେ ବିଦ୍ୟୁତ୍ ବଲବର ଧପ ଧପ ବନ୍ଦ ହୋଇଗଲା । ବାବାଙ୍କର ଏହି ଲୀଳା ଦେଖି ଦ୍ୱାରିକାମାୟୀରେ ଥିବା ଅନ୍ୟ ଭକ୍ତମାନେ ସ୍ତବ୍ଧ ହୋଇ ଚାହିଁ ରହିଲେ । ଯେଉଁ ବ୍ୟକ୍ତିଜଣକ ତାଙ୍କର ନଡ଼ିଆ ନେଇଯାଇଥିଲେ ସେ ତାହା ଏହି ଭକ୍ତଙ୍କୁ ଫେରାଇଦେବା ସହିତ କ୍ଷମାମାଗିଲେ । ବାବା ଯଦି ତାଙ୍କ ନିଜ ବାଟରେ ସେହି ଭକ୍ତଙ୍କୁ ନଡ଼ିଆ କଥା ମନେ ପକାଇ ଦେଇନଥାଆନ୍ତେ ତେବେ ବାବାଙ୍କ ପାଖରେ ନଡ଼ିଆ ସମର୍ପଣ ନକରିବା ଦୁଃଖରେ ସେ ମ୍ରିୟମାଣ ହୋଇପଡ଼ିଥାନ୍ତେ । ବାବାଙ୍କୁ ଠିକଣା ବେଳେ ତାହା ମନେ ପକାଇଦେଲେ ଏବଂ ସତର୍କ କରାଇଦେଲେ ଯେ ଏଣିକି ଯାହା କିଛି କଲାବେଳେ ସତର୍କ ରହିବ । ଏହାଦ୍ୱାରା ବାବା ସମସ୍ତଙ୍କୁ ଜଣାଇଦେଲେ ଯେ ସେ ସର୍ବଜ୍ଞାତା ଏବଂ ସର୍ବବ୍ୟାପୀ । ଏହା ମଧ୍ୟ ସମସ୍ତେ ଜାଣିଲେ ଯେ ବାବା ତାଙ୍କ ଭକ୍ତମାନଙ୍କ ଉପରେ ସତର୍କ ଦୃଷ୍ଟି ରଖିଛନ୍ତି । ପରିସ୍ଥିତି ଉପରେ ମଧ୍ୟ ବାବାଙ୍କର କିପରି ନିୟନ୍ତ୍ରଣ ରହିଛି ତାହାର ପ୍ରମାଣ ସେ ବିଦ୍ୟୁତ୍ ବଲବକୁ ଧପ ଧପ କରି ଜଣାଇଦେଲେ । ସତରେ ବାବାଙ୍କର ଲୀଳାର ସୀମା ନାହିଁ, ତାହା ଅପାର ।

*ପୂର୍ବତନ ଡିଏଫ୍‌ଓ , ପଲାଇ,*
*ବାଲିଚନ୍ଦ୍ରପୁର, ଯାଜପୁର*

# ଶତାବ୍ଦୀ ପୁରୁଷ ପଦ୍ମଭୂଷଣ ଡ.ରାଧାନାଥ ରଥ



ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ସମ୍ପାଦକ, ରାଜନେତା, ସାରସ୍ୱତ ସାଧକ ଓ ସମାଜ ସେବକ ପଦ୍ମଭୂଷଣ ଡକ୍ଟର ରାଧାନାଥ ରଥଙ୍କ ଜୀବନ ଶତାବ୍ଦୀର ଏକା ଶୀଖା । ବହୁ ସମସ୍ୟା ବଜଡ଼ିତ ଏକ ସନ୍ତସ୍ତ ଜାତିକୁ ଆଶା ଆଶ୍ୱାସନାର ବାଣୀ ଶୁଣାଇବାକୁ ସେ ଶିଖା ଅଙ୍ଗିକାରବଦ୍ଧ ହୋଇଥିଲା । ଉନ୍ନବିଂଶ ଶତାବ୍ଦୀର ଗତାୟୁ ଲଗ୍ନରେ ୧୮୯୭ ମସିହା ଡିସେମ୍ବର ୬ ତାରିଖରେ ସେ ଆଠଗଡ଼ରେ ଜନ୍ମ ହେଲାବେଳକୁ ବିଖଣ୍ଡିତ ଉତ୍କଳ ଏକ ସନ୍ଧିକ୍ଷଣ ମଧ୍ୟ ଦେଇ ଗତି କରୁଥାଏ । ତାଙ୍କର ପିତା ଜଗନ୍ନାଥ ଥିଲେ ଆଠଗଡ଼ର ରାଜା ବିଶ୍ୱନାଥ ଦେବ ବର୍ମାଙ୍କର ରାଜପରିବାରର ପଣ୍ଡିତ । ଡ.ରାଧାନାଥ ରଥ ଏକାଧାରରେ ଜଣେ ସ୍ୱାଧୀନତା ସଂଗ୍ରାମୀ, ଶିକ୍ଷାବିତ୍, ସାମ୍ବାଦିକ, ରାଜନୈତିଜ୍ଞ ଓ ସାହିତ୍ୟିକ ଥିଲେ । ତାଙ୍କ ପ୍ରାଥମିକ ଶିକ୍ଷା ଆଠଗଡ଼ରେ ସେ କାଳା ମହାନ୍ତିଙ୍କ ଠାରୁ ପ୍ରାପ୍ତ ହୋଇଥିଲେ । ବାଲେଶ୍ୱର ଜୁବିଲୀ ସ୍କୁଲରୁ ତାଙ୍କ ଶିକ୍ଷା ଆରମ୍ଭ ହୋଇଥିଲା । ୧୯୧୬ରେ କଟକର ରେଭେନ୍ସା କଲିଜେଟ୍ ସ୍କୁଲରୁ ମାଟ୍ରିକ ଶେଷ କରି ସିଂହଭୂମ ଜିଲ୍ଲାର ଜଙ୍ଗଲ ବିଭାଗର କିରାଣୀ ଭାବେ ସେ କାମ କେଲ । ୧୯୧୯ରେ ଚାକିରି ଛାଡ଼ି ଗୋପବନ୍ଧୁ ଦାସଙ୍କ ସତ୍ୟବାଦୀ ପ୍ରେସ୍‌ରେ ଯୋଗ ଦେଲେ । ଗୋପବନ୍ଧୁଙ୍କ ସମ୍ପାଦନାରେ ପ୍ରକାଶିତ ସାପ୍ତାହିକ ଓଡ଼ିଆ ଖବରକାଗଜ ସମାଜର ପ୍ରବନ୍ଧକ ଓ ସହ-ସମ୍ପାଦକ ଭାବେ ସେ ସାମ୍ବାଦିକତାରେ କ୍ୟାରିଅର ଆରମ୍ଭ କଲେ । ୧୯୧୯ରେ ପବିତ୍ର କୁମାର ପୂର୍ଣ୍ଣିମା ଅବସରରେ ସାକ୍ଷୀଗୋପାଳଙ୍କ ତୀର୍ଥସ୍ଥଳୀରେ ସମାଜକୁ ତାଙ୍କ ଧ୍ୟାନ ଓ ଧେୟ ଭାବେ ଗ୍ରହଣ କରିଥିଲେ । ସାପ୍ତାହିକ ପତ୍ର ଭାବରେ ଅକ୍ଟୋବର ୧୯୧୯ ମସିହା ଠାରୁ ସମାଜ ପ୍ରକାଶନ ଆରମ୍ଭ ହୋଇଥିଲା । ୧୯୨୫ରେ ସମାଜ ପୁରୀକୁ ସ୍ଥାନାନ୍ତରିତ ହୋଇ ଜାନୁଆରୀ ୩ ତାରିଖରେ ସେଠାରୁ ପ୍ରକାଶିତ ହେଲା ପରେ ୧୯୨୭ରେ ସମାଜ କଟକ ନିମ୍ବଚୌଡ଼ିରୁ ଆରମ୍ଭ ହୋଇଥିଲା । ୧୯୨୮, ୧୭ ଜୁନ୍‌ରେ ଗୋପବନ୍ଧୁଙ୍କ ମହାପ୍ରୟାଣ ପରେ ସମାଜ ଲୋକସେବକ ମଣ୍ଡଳର ପରିଚାଳନାରେ ପ୍ରକାଶିତ ହେଲା । ରାଧାନାଥ ରଥଙ୍କ ପ୍ରଚେଷ୍ଟାରେ ୩୦୦୦ଟଙ୍କା କଟକ ବ୍ୟାଙ୍କରୁ ଋଣ କରାଯାଇ ଏକ ପୁରୁଣା ଫ୍ଲାଟବେଡ୍ ମେସିନ କିଣାହେଲା ଓ ୧୯୩୧ରୁ ବିଧିବଦ୍ଧ ଭାବରେ ଦୈନିକ ପ୍ରକାଶ ହେଲା । ୧୯୪୨ ଅଗଷ୍ଟ ୨୨ ତାରିଖରେ ରାଧାନାଥ ରଥ ଜେଲ ଗଲାପରେ ଏକମାସ ସମାଜ ପ୍ରକାଶନ ବନ୍ଦ ହେଲା । ୧୯୪୬ରୁ ୧୯୫୨ ପର୍ଯ୍ୟନ୍ତ ପଣ୍ଡିତ ଲିଙ୍ଗରାଜ ମିଶ୍ର ଶିକ୍ଷାମନ୍ତ୍ରୀ ଭାବରେ ନିଯୁକ୍ତି ହେବା ଫଳରେ ରାଧାନାଥ ରଥ ସମାଜର ସମ୍ପାଦନ ଦାୟିତ୍ୱ ଗ୍ରହଣ କଲେ । ୧୯୬୧ରେ ରାଧାନାଥ ବାବୁ ମନ୍ତ୍ରୀମଣ୍ଡଳ ତ୍ୟାଗ କରି ସମ୍ପୂର୍ଣ୍ଣ ଭାବରେ ସମାଜ ସମ୍ପାଦନ ଦାୟିତ୍ୱ ଗ୍ରହଣ କଲେ । ୧୯୪୨ର ଭାରତ ଛାଡ଼ ଆନ୍ଦୋଳନରେ ଦୁଇବର୍ଷ ସଶ୍ରମ କାରାଦଣ୍ଡରେ ତାଙ୍କୁ ଦଣ୍ଡିତ କରାଯାଇଥିଲା । ଓଡ଼ିଶା ବିଧାନସଭାକୁ ରାଧାନାଥ ୫ଥର ନିର୍ବାଚିତ ହୋଇଥିଲେ । ଲୋକ ସମାଜ ସେବକର ଓଡ଼ିଶା ଶାଖାର ସେ ଜୀବନବ୍ୟାପୀ ଅଧ୍ୟକ୍ଷ ଥିଲେ । ଅଖିଳ ଭାରତୀୟ ସ୍କାଉଟ ଓ ଗାଇଡ୍ ସଂସ୍ଥାର ମଧ୍ୟ ମୁଖ୍ୟ ଥିଲେ । ହିନ୍ଦ୍ କୁଷ୍ଠ ନିବାରଣ ସମୂହ, ଗୋପବନ୍ଧୁ ଦରିଦ୍ର ନାରାୟଣ ସେବା ସଂଘ ଭଳି ଅନେକ ସଂଗଠନ ସହ ରାଧାନାଥ ରଥ ସାମିଲ ଥିଲେ । ନିଜର ସମ୍ପାଦକ ଜୀବନ କାଳରେ ସେ ଓଡ଼ିଶାର ଜନଜୀବନ ଧାରା ସହିତ ନିଜକୁ ପୂର୍ଣ୍ଣ ଭାବରେ ସଂଶ୍ଳିଷ୍ଟ କରିଥିଲେ । ଗୋପବନ୍ଧୁଙ୍କ ପଦାଙ୍କ ଅନୁସରଣ କରି ବନ୍ୟା-ଦୁର୍ଭିକ୍ଷ-ପ୍ରପୀଡ଼ିତ ଓଡ଼ିଶାର ଅଧିବାସୀ ମାନଙ୍କୁ ସାହାଯ୍ୟ ସହଯୋଗ ପ୍ରଦାନ କରିବା, ବହୁ ଅନୁଷ୍ଠାନ ସହ ଜଡ଼ିତ ରହି ସାଂସ୍କୃତିକ ଜୀବନକୁ ପରିପୃଷ୍ଟ କରିବା, ଦରିଦ୍ର ନିସହାୟ ବ୍ୟକ୍ତି ଓ ଛାତ୍ରଛାତ୍ରୀଙ୍କୁ ସାହାଯ୍ୟ କରି ଅନେକ ମାନବହିତୈଷୀକର୍ମ ସହିତ ନିଜକୁ ସଂଶ୍ଳିଷ୍ଟ କରି ଜୀବନ ନିର୍ବାହ କରୁଥିଲେ । ଆଜିର ସମୟରେ ପୂଜ୍ୟ ସ୍ୱର୍ଗତଃ ଡକ୍ଟର ରାଧାନାଥ ରଥଙ୍କ ଅନୁପ୍ରେରଣା ଓ ଆଶୀର୍ବାଦରେ ଓଡ଼ିଶା ଜନଗଣଙ୍କ ଖବରକାଗଜ ବୁଝାଉଥିବା 'ସମାଜ' ଶହେ ବର୍ଷ ଅତିକ୍ରମ କରିସାରିଛି । ବ[illegible]ମାନ ସମୟରେ ସୁଯୋଗ୍ୟ ସମ୍ପାଦକ ଓ ସମ୍ପାଦନା ମଣ୍ଡଳୀ ଦ୍ୱାରା ପ୍ରକାଶିତ ସମାଜ ତାର ନିରପେକ୍ଷତା ଓ ମୂଲ୍ୟବୋଧର ଆଦର୍ଶକୁ ବଜାୟ ରଖି ପ୍ରତିଟି ଓଡ଼ିଆଙ୍କ ପାଖରେ ନିଜ ଗୌରବର ଗାଥାକୁ ଇତିହାସର ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ କରିବା ପାଇଁ ସମର୍ଥ ହୋଇଛି । ଓଡ଼ିଶାରେ 'ବାବୁଜୀ' ନାମରେ ବେଶ ଲୋକପ୍ରିୟ ହୋଇପାରିଥିବା ଡକ୍ଟର ରାଧାନାଥ ରଥ ଓଡ଼ିଶାର ଶିକ୍ଷାମନ୍ତ୍ରୀ ଥିବା ସମୟରେ ଯୁଗପୁରୁଷୋତମ କଲ୍‌କୀ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ପୁଣ୍ୟ ପାବନ କ୍ଷେତ୍ର ଦେଓଘର ଯାତ୍ରା କରିଥିଲେ । କରୁଣାମୟ ଶ୍ରୀ ଶ୍ରୀ ଠାକୁର ତାଙ୍କୁ 'ପବିତ୍ର ଲାଠି' ଦିବ୍ୟଆଶୀର୍ବାଦକ୍ରମେ ପ୍ରଦାନ କରିଥିଲେ । ତାଙ୍କ ସୁକନ୍ୟା ସମାଜର ପୂର୍ବତନ ସମ୍ପାଦିକା ବିଶିଷ୍ଟ ସାହିତ୍ୟ ସ୍ରଷ୍ଟା ଡକ୍ଟର ମନୋରମା ମହାପାତ୍ର ଅନେକ କାର୍ଯ୍ୟକ୍ରମରେ କହିଛନ୍ତି ଯେ 'ଶ୍ରୀ ଶ୍ରୀ ଠାକୁରଙ୍କ ପବିତ୍ର ଲାଠିକୁ ବାବୁଜୀ ପ୍ରତି ଦିନ ନିଜ କର୍ମମୟ ଜୀବନ ଆରମ୍ଭ କରିବା ସମୟରେ ସ୍ପର୍ଶପୂର୍ବକ ପ୍ରଣିପାତ କରି ବାହାରକୁ ଯାଉଥିଲେ ଏବଂ ଫେରିବା ସମୟରେ ଏହି ପବିତ୍ର କୃପାକୁ ଦିବ୍ୟ ପ୍ରଣାମ ପୂର୍ବକ ଗୃହ ପ୍ରବେଶ କରୁଥିଲେ' । ଶ୍ରୀ ଶ୍ରୀ ଠାକୁର ଡକ୍ଟର ରାଧାନାଥ ରଥଙ୍କୁ ଜଣେ 'ଗୁଡ଼ସୋଲ' ବୋଲି ମନ୍ତବ୍ୟ ଦେଇଥିଲେ । ଆଜିବି ଦେଓଘରର ମ୍ୟୁଜିୟମରେ କୃପାମୟ ଶ୍ରୀ ଶ୍ରୀ ଠାକୁର ପବିତ୍ର ଲାଠି ପ୍ରଦାନ କରୁଥିବାର ଡକ୍ଟର ରାଧାନାଥ ରଥଙ୍କ ଫଟୋ ସ୍ଥାନିତ ହୋଇଛି । ଆଦର୍ଶବାଦୀ, ନିରାଡ଼ମ୍ବର ଏହି ଶତାବ୍ଦୀ ପୁରୁଷ ଅତ୍ୟନ୍ତ ସଶ୍ରଦ୍ଧ ଚିତରେ ସମାଜର ପୃଷ୍ଠପୋଷକ ଭାବରେ ଦଣ୍ଡାୟମାନ ହୋଇ ଏବଂ ଓଡ଼ିଆ, ଇଂରାଜୀ, ବଙ୍ଗଳା, ହିନ୍ଦୀ ଭାଷାରେ ପ୍ରବୀଣତା ଲାଭ କରି ଓଡ଼ିଶାର ସାମ୍ବାଦିକତାକୁ ଏକ ବଳିଷ୍ଠ ତଥା ବିଶିଷ୍ଟ ଆସନରେ ପହ[illegible]ଇ ପାରିଥିଲେ । ନିରପେକ୍ଷ ଭାବରେ ଦୋଷ ଦୁର୍ବଳତାକୁ ସମାଲୋଚନା କରି ସରକାରଙ୍କୁ ଉପଯୁକ୍ତ ମାର୍ଗ ଦେଖାଇବା ତାଙ୍କ ସମ୍ପାଦକ ଜୀବନର ସର୍ବଶ୍ରେଷ୍ଠ କର୍ମ ଥିଲା । ୧୯୬୮ ମସିହାରେ ଭାରତ ସରକାର ତାଙ୍କୁ ପଦ୍ମଭୂଷଣ ପ୍ରଦାନ କରିଥିଲେ । ୧୯୭୬ରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ତାଙ୍କୁ ସମ୍ମାନସୂଚକ ଡକ୍ଟରେଟ ଉପାଧି ପ୍ରଦାନ କରିବା ସହ ୧୯୭୭ ମସିହାରେ ପ୍ରାଥମିକ ଶିକ୍ଷା ପୁର୍ନଗଠନ କମିଟିର ଚେୟାରମ୍ୟାନ ପଦରେ ସେ ନିଯୁକ୍ତି ପାଇଥିଲେ । ଓଡ଼ିଶା ଗୋମଙ୍ଗ ସମିତିର ସେ ସଭାପତି ଥିଲେ । ହିନ୍ଦୀ କୁଷ୍ଠ ନିବାରଣ ସଂଘର ସେ ଉପସଭାପତି ଭାବରେ ସେ ନିଯୁକ୍ତି ଲାଭ କରିଥିଲେ । ୧୯୮୨ ଠାରୁ ଉତ୍କଳ ରିଲିଫ୍ କମିଟିର ସେ ସଭାପତି ଥିଲେ । ୧୯୯୮ ମସିହା ଫେବୃଆରୀ ୧୨ ତାରିଖ ଅଗ୍ନିପୂର୍ଣ୍ଣିମା ରାତି ୧ଟା ବେଳେ ତାଙ୍କର ସୁଦୀର୍ଘ କର୍ମମୟ ଜୀବନର ପରିସମାପ୍ତି ଘଟିଥିଲା । ସମାଜ ପରିସର ତାଙ୍କର ବ୍ୟକ୍ତିତ୍ୱର ସୁରଭିତ ସଂସ୍ପର୍ଶରେ ଏକ ମନ୍ଦିରାଙ୍ଗନରେ ପରିଣତ ହୋଇଥିଲା । ତାଙ୍କ ସାହିତ୍ୟ କୃତି ଉଲ୍ଲେଖଯୋଗ୍ୟ । 'ମୋ ଜେଲ ସ୍ମୃତି ଲିପି' ତାଙ୍କର ପ୍ରସିଦ୍ଧ କୃତି । ସାହିତ୍ୟ ଏକାଡ଼େମୀ, ସମେତ ଅନେକ ପୁରସ୍କାର ଓ ସମ୍ମାନର ଅଧିକାରୀ ଡ.ରାଧାନାଥ ରଥ ୧୮୯୬ ଡିସେମ୍ବର ୬ ଆଜିର ଦିନ ଆଠଗଡ଼ର ରାଧାନାଥପୁର ଶାସନରେ ଜନ୍ମ ଗ୍ରହଣ କରିଥିଲେ । ମାନବ ଚିତ ଦୌର୍ବଲ୍ୟର ସସୀମ ପରିଧିର ପଙ୍କିଳ ଆବେଷ୍ଟନୀ ମଧ୍ୟରୁ ନିଜର ସଂକଳ୍ପ ଓ ସାଧନାଦ୍ୱାରା ମଣିଷ ଯେ ନିଜକୁ ଉଦ୍ଧାରକରିବାକୁ ସାମର୍ଥ୍ୟ ଲାଭ କରିପାରେ ପଦ୍ମଭୂଷଣ ରାଧାନାଥ ଏହାର ଅନ୍ୟତମ ଦୃଷ୍ଟାନ୍ତ ।

*ପ୍ରତିରତ୍ୱିକ ଓ ପ୍ରଫେସର ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,*
*ଦୂରଭାଷ : ୯୪୩୭୦୫୧୯୫୭*

# ବାଟ ଓଷାର ପହେଁଚ୍ଛଇ ପୂଜା



ଉତ୍କଳାନନ୍ଦ ଅଜୟ କୁମାର ବେହେରା

ବାଟ ଓଷା ବା ଦାଣ୍ଡ ପହଁରା ଓଷା ପୌଷମାସ କୃଷ୍ଣ ଦ୍ୱିତୀୟା ତିଥିରେ ପାଳନ କରାଯାଏ । ଏହି ଓଷା ଯମରାଜଙ୍କ ଉଦ୍ଦେଶ୍ୟରେ ପାଳନ କରାଯାଏ । ପ୍ରତ୍ୟେକ ମା'ମାନେ ନିଜ ପୁତ୍ରମାନଙ୍କ ଦୀର୍ଘାୟୁ ହେବା ନିମନ୍ତେ ରାତିରେ ଉପବାସ ରହି ବଜ୍ରମୂଳି ଗଛରେ ଦାଣ୍ଡ ପହଁରି ନିଜ ନିଜର ପୁତ୍ରମାନଙ୍କୁ ଝାଡ଼ି ଥାନ୍ତି । ଇନ୍ଦ୍ରଙ୍କର ଅମୋଘ ଅସ୍ତ୍ର ହେଉଛି ବଜ୍ର । ସେଥିପାଇଁ ପ୍ରବାଦ ଅଛି ମାତାମାନେ ନିଜ ସନ୍ତାନର ଦୀର୍ଘଜୀବନ କାମନା କରି ଓଷା ମଣ୍ଡପର ଚତୁପାର୍ଶ୍ୱକୁ ବଜ୍ରମୂଳିରେ ପହଁରିବା ପରେ ସେଥିରେ ସନ୍ତାନମାନଙ୍କୁ ଝାଡ଼ିଥାନ୍ତି । ପୌରାଣିକ ମତେ ମୃତ୍ୟୁର ଦେବତା ଯମ ଅତ୍ୟନ୍ତ କଠୋର ଓ ମର୍ମନ୍ତୁଦ । ସେ ପ୍ରାଣୀର କର୍ମ ଅନୁସାରେ ମୃତ୍ୟୁ ପରେ ଦଣ୍ଡବିଧାନ କରନ୍ତି । ଏହା ଏକ କୃଷିଭିତିକ ପର୍ବ ହୋଇଥିବାରୁ ନୂଆ ଧାନ କୁଟି ମଣ୍ଡାପିଠା, ମୁଢ଼ି, ଖଇ, ମୁଆଁ, ଚୁଡ଼ା, କଦଳୀ, ମୂଳା, ଆଖୁ, କରମଙ୍ଗା, କନ୍ଦମୂଳ, ତୁଷ ଓ କୁଣ୍ଡା ଆଦି ନୈବେଦ୍ୟ ଭୋଗ କରାଯାଏ । ଗାଁ ଦାଣ୍ଡ ବା ବନସ୍ତରେ ଗାତ ଖୋଳାଯାଇ, ଗୋଟିଏ ପାତ୍ରରେ ସିନ୍ଦୂରରେ ଯମଙ୍କ ପ୍ରତିମା ସ୍ଥାପନ ପୂର୍ବକ ମାତାମାନେ ଚାରିପଟେ ଚାଙ୍ଗୁଡ଼ା ଧରି, ବଜ୍ରମୂଳି ଉପରେ ରଖି କପଡ଼ା ଢ଼ାଙ୍କି ବସନ୍ତି ଏବଂ ଯମ ଦେବତାଙ୍କୁ ଷୋଡ଼ଶୋପଚାରରେ ବ୍ରାହ୍ମଣଙ୍କ ଦ୍ୱାରା ପୂଜାର୍ଚ୍ଚନା କରନ୍ତି । ତାହା ପରେ ମାତାମାନେ ନିଜ ସନ୍ତାନମାନଙ୍କର ଦୀର୍ଘଜୀବନ କାମନା କରି ଯମଙ୍କୁ ସ୍ମରଣ କରିଥାନ୍ତି । ପୌରାଣିକ କଥାବସ୍ତୁ ଅନୁଯାୟୀ କୋଶଳ ଦେଶର ରାଜା ସୁଦର୍ଶନ ଓ ରାଣୀ ଲୀଳାବତି, ଦୁହେଁ ପରୋପକାରୀ ଓ ପ୍ରଜାବତ୍ସଳ ହୋଇଥିଲେ ମଧ୍ୟ ପୁତ୍ରସନ୍ତାନ ନଥିବାରୁ ମନସ୍ତାପ କରିଥିଲେ । ବିଜ୍ଞ ବ୍ରାହ୍ମଣ, ଜ୍ୟୋତିଷ ଦାଣ୍ଡ ପହଁରା ବା ବାଟ ଓଷା କରିବା ଦ୍ୱାରା ଯମଙ୍କୁ ସନ୍ତୁଷ୍ଟ କଲେ ପୁତ୍ରପ୍ରାପ୍ତି ହେବେ ବୋଲି ପରାମର୍ଶ ଦେଇଥିଲେ । ଓଷା କରିଥିବା ରାଜ୍ୟର ଗୃହିଣୀମାନଙ୍କ ଠାରୁ ପ୍ରସାଦ ପାଇ ରାଣୀ ଗର୍ଭବତୀ ହେବା ସହ ଉତମ ପୁତ୍ରପ୍ରାପ୍ତ କରିଥିଲେ । ଯାହାର ନାମ ବୀରସେନ । କିନ୍ତୁ ପୁତ୍ରପ୍ରାପ୍ତି ପରେ ରାଣୀ ଆଉ ଯଦମଦେବତାଙ୍କ ବାଟ ଓଷା ନକରିବା ଯୋଗୁଁ ଯମ ବୀରସେନଙ୍କୁ ଅପହରଣ କରି ନେଇଗଲେ ଏବଂ ନିଜର ମାତାଙ୍କୁ ମାରି ରୋଷେଇ କରି ଖାଇବାକୁ ଦେବା ପାଇଁ କହିଥିଲେ । ତତ୍‌ପରେ ଯମ ସ୍ନାନ କରିବାକୁ ଚାଲିଗଲେ । ଇତ୍ୟବସରରେ ବୀରସେନଙ୍କ ନାକରେ ଦୁଇଖଣ୍ଡ କାଠି ପୂରାଇ ପୂଜା ସମୟରେ ଛିଙ୍କିବା ପାଇଁ ଯମଙ୍କ ମାତା ଶିଖାଇ ଦେଲେ । ବୀରସେନ ଯମମାତାଙ୍କ କହିବା ଅନୁସାରେ ନାକରେ କାଠି ପୁରାଇ ଛିଙ୍କିଥିଲେ । ଏହି ସମୟରେ ଯମମାତା ଅଛମର ହୁଅ ବୋଲି କହିଥିଲେ । ଯାହା ଫଳରେ ଯମଦେବ ବୀରସେନଙ୍କୁ ନମାରି ବାଟ ଓଷା ନକଲେ ପୁନର୍ବାର ନେଇ ଯିବେ ବୋଲି ବୀରସେନଙ୍କ ମାତାଙ୍କୁ କହି ଘରେ ଛାଡ଼ି ଦେଇଗଲେ । ପରିବାରବର୍ଗ ବୀରସେନଙ୍କୁ ଯାଇ ଅତ୍ୟନ୍ତ ଖୁସି ହୋଇଥିଲେ ମଧ୍ୟ କାହିଁକି ରୁଷି ଥିଲେ ବୋଲି ପଚାରିବାରୁ ଉତରରେ କହିଲେ, ତୁମେ ଯମଦେବଙ୍କ ବାଟ ଓଷାକୁ ଭୁଲି ଯାଇଥିବାରୁ ମୋତେ ଧରି ନେଇଥିଲେ ବୋଲି କହିଥିଲେ । ଶେଷରେ ରାଜଗୃହରେ ମାତା କୌଶଲ୍ୟା ଯମଦେବଙ୍କ ବାଟ ଓଷା କରି ଦାଣ୍ଡ ପହଁରି ପୁତ୍ରର ଦୀର୍ଘ ଜୀବନ କାମନା କରିଥିଲେ । ଏହି ପୂଜାର ନିୟମ ସବୁ ପ୍ରସାଦ ପୂଜା ମଣ୍ଡପକୁ ନେବେ ଏବଂ ଘରେ ଲୋଭବଶତଃ ପୂଜାଦ୍ରବ୍ୟ ରଖିଲେ ଯମ ଅସନ୍ତୋଷ ହୋଇଥାନ୍ତି । ପୂଜା ଅନ୍ତେ ସମସ୍ତ ପ୍ରସାଦକୁ ବାଳକ, ବୃଦ୍ଧ ଓ ପରିବାରବର୍ଗଙ୍କ ମଧ୍ୟରେ ବାଣ୍ଟିଦେବା ବିଧେୟ ।

*ବରେଣ୍ୟ ବାଣୀ' ପିସି ସରକାର ଲେନ୍,*
*ଅରୁଣୋଦୟ ମାର୍କେଟ, କଟକ*

# ମହାଯୋଗୀ ଶ୍ରୀ ଅରବିନ୍ଦ



ପ୍ରଫେସର ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ

କେବଳ ଭାରତ କାହିଁକି ସମଗ୍ର ବିଶ୍ୱର ଆଧ୍ୟାତ୍ମିକ କ୍ଷେତ୍ରକୁ ମହାଯୋଗୀ ଶ୍ରୀ ଅରବିନ୍ଦଙ୍କ ଯୋଗଦାନ ଅଭୂତପୂର୍ବ । ବେଦ, ଉପନିଷଦ ସମେତ ଭାରତର ବିଭିନ୍ନ ଧର୍ମ ଗ୍ରନ୍ଥ ଅଧ୍ୟୟନ ଏବଂ ସେଗୁଡ଼ିକର ବ୍ୟାଖ୍ୟା କରି ନିଜ ଲେଖା ମାଧ୍ୟମରେ ସେ ଅନେକ କୃତି ଛାଡ଼ି ଯାଇଛନ୍ତି । ଯୋଗସାଧନା ଉପରେ ସେ ମୌଳିକ ଗ୍ରନ୍ଥ ରଚନା କରିଛନ୍ତି । ବିଶ୍ୱ ଦର୍ଶନ ଶାସ୍ତ୍ରରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ରହିଛି । ସମଗ୍ର ବିଶ୍ୱରେ ମହାଯୋଗୀଙ୍କ ସାଧନାର ବହୁ ଅନୁଗାମୀ ରହିଛନ୍ତି । ଶ୍ରୀଅରବିନ୍ଦଙ୍କ ବାଣୀ ଏବଂ ତାଙ୍କ ଦର୍ଶନ ଯୁଗ ଯୁଗ ଧରି ପ୍ରାସଙ୍ଗିକ ହୋଇ ରହିବ । ଏହି ମହାଗୁରୁ ବିଦେଶରୁ ଶିକ୍ଷା ଲାଭ କରିବା ସହ ସେ ଇଂରାଜୀ, ଜର୍ମାନ୍, ଫ୍ରେଂଚ, ଇଟାଲି ଆଦି ଭାଷାରେ ନିପୁଣତା ପ୍ରାପ୍ତ କରିଥିଲେ । ସେ ସଫଳତା ପୂର୍ବକ ଆଇସିଏସ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ । ଏତେ ସବୁ ସଫଳତା ହାସଲ କରିବା ପରେ ବ୍ରିଟିଶ ସରକାର ଅଧିନରେ ଚାକିରୀ କରିବା ପରିବର୍ତେ ସେ ଦେଶମାତୃକାରେ ସେବାରେ ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇଥିଲେ । ୧୮୭୨, ଅଗଷ୍ଟ ୧୫- ସମଗ୍ର ଭାରତବାସୀଙ୍କ ପାଇଁ ଏକ ଗୌରବର ଦିବସ । ଏହି ଦିନ କେବଳ ଭାରତ ସ୍ୱାଧୀନ ହୋଇଥିଲା ତାହା ନୁହେଁ ବରଂ ଭାରତମାତାର ଜଣେ ଯୋଗ୍ୟତମ ସନ୍ତାନର ଏ ଧରା ପୃଷ୍ଠରେ ଆବିର୍ଭାବ ଘଟିଥିଲା ।

ଏଣୁ ପ୍ରତିବର୍ଷ ଭାରତବାସୀ ପରମ ଶ୍ରଦ୍ଧାରେ ଏକାଧାରରେ ସ୍ମରଣ କରିବେ ଯେ, ଏହି ଦିବସରେ ହୋଇଥିଲା ଭାରତର ସ୍ୱାଧୀନତା ଅଭ୍ୟୁଦୟ ଓ ସ୍ୱାଧୀନତାର ଅଗ୍ରଦୂତ ଶ୍ରୀ ଅରବିନ୍ଦଙ୍କ ଅଭ୍ୟୁଦୟ । ଶ୍ରୀ ଅରବିନ୍ଦ ପିତାମାତା ତାଙ୍କୁ ଆଦରରେ 'ଅରୋ' ବୋଲି ଡାକୁଥିଲେ । ସେ ଥିଲେ ପିତାମାତାଙ୍କର ତୃତୀୟ ସନ୍ତାନ । ତାଙ୍କ ବଡ଼ଭାଇଙ୍କ ନାମ ବିନୟ ଭୂଷଣ ଓ ମନ ମୋହନ । ଶ୍ରୀ ଅରବିନ୍ଦଙ୍କ ଜନ୍ମ ପରେ ଜନ୍ମଗ୍ରହଣ କରିଥିଲେ ଭଉଣୀ ସରୋଜିନୀ ଓ ସାନଭାଇ ବାରୀନ୍ଦ୍ର କୁମାର । ଡ. କୃଷ୍ଣଧନ ଘୋଷ ନିଜ ପିଲାମାନଙ୍କୁ ପାଶ୍ଚାତ୍ୟ ଶୈଳୀରେ ଗଢ଼ି ତୋଳିବାକୁ ଚାହୁଁଥିଲେ । ଅପରପକ୍ଷେ ସ୍ୱର୍ଣ୍ଣଲତା ଦେବୀ ଥିଲେ ଜଣେ ଧର୍ମପରାୟଣା, ଦେଶଭକ୍ତି, ଶିକ୍ଷିତା ନାରୀ । ଉଭୟଙ୍କ ଗୁଣାବଳୀ ପ୍ରଭାବ ପିଲାମାନଙ୍କ ଉପରେ ପଡ଼ିଥିଲା । କୃଷ୍ଣଧନ ଶ୍ରୀ ଅରବିନ୍ଦଙ୍କ ଲାଳନପାଳନ ଦାୟିତ୍ୱ ଜଣେ ଇଂରେଜ ଧାଈଙ୍କୁ ସମର୍ପି ଦେଲେ । ଅତି ଛୋଟ ବୟସରୁ ସେ ମାତୃସ୍ନେହରୁ ବ[illegible]ତ ହେଲେ । ପିଲାଟି ଦିନରୁ ଶ୍ରୀ ଅରବିନ୍ଦ ମାତୃସ୍ନେହ ଓ ମାତୃଭାଷାର ସ୍ୱାଦ ପାଇପାରିନଥିଲେ ବୋଲି ପରବର୍ତୀ ସମୟରେ ସେ ଭାରତକୁ ଭଲଭାବେ ଚିହ୍ନି ପାରିଥିଲେ । ତେଣୁ ସେ କହୁଥିଲେ - 'ଭାରତ ଏକ ଜଡ଼ ପଦାର୍ଥ, ମାଟି, କ୍ଷେତ୍ର, ବନ, ପର୍ବତ, ନଦୀକୁ ନେଇ ଗଠିତ ଭୂଗର୍ଭ ନୁହେଁ । ଏ ହେଉଛି ସ୍ୱୟଂ ଜଗଜ୍ଜନନୀ । ପା[illegible]ବର୍ଷ ବୟସରୁ ଅରୋଙ୍କ ବାଲ୍ୟଶିକ୍ଷା ଆରମ୍ଭ ହେଲା । ପ୍ରଥମେ ସେ ଲୋରେଟୋ କନ୍‌ଭେଂଟ ସ୍କୁଲ, ଦାର୍ଜିଲିଂରେ ନାମ ଲେଖାଇଲେ । ପ୍ରଥମେ ସେ ଲେରେଟୋ କନ୍‌ଭେ[ ସ୍କୁଲ, ଦାର୍ଜିଲିଂରେ ନାମ ଲେଖାଇଲେ । ସାତବର୍ଷ ବୟସରେ ତାଙ୍କୁ ଦେଶ ଛାଡ଼ି ଯିବାକୁ ପଡ଼ିଲା । ତାଙ୍କ ମାତାଙ୍କ ମସ୍ତିଷ୍କ ରୋଗ ଚିକିତ୍ସା ପାଇଁ ପିତା କୃଷ୍ଣଧନ ସପରିବାର ଯାଇ ମା[illegible]ଷ୍ଟରରେ ରହିଲେ । ସେଠାରେ ଡ୍ରୁଟେ ଦମ୍ପତିଙ୍କ ତତ୍ତ୍ୱାବଧାନରେ ଶ୍ରୀ ଅରବିନ୍ଦଙ୍କ ପାଠପଢ଼ା ଚାଲିଲା । ଏହି ବୟସରୁ ହିଁ ତାଙ୍କ ପ୍ରତିଭାର ବିକାଶ ଘଟିଲା । ତାଙ୍କୁ ଯାହା ଶିକ୍ଷା ଦିଆଯାଉଥିଲା ସେ ସଙ୍ଗେ ସଙ୍ଗେ ସବୁ ଶିଖି ଦେଉଥିଲେ । ଶ୍ରୀ ଅରବିନ୍ଦ ଥିଲେ ଶାନ୍ତ ସ୍ୱଭାବର ଓ ବିଚକ୍ଷଣ ପ୍ରତିଭାର ଅଧିକାରୀ । ମାତ୍ର ଦଶବର୍ଷ ବୟସରୁ ଲାଟିନ୍ ଓ ଇଂରାଜୀ ଭାଷାରେ ସୁନ୍ଦର କବିତା ଲେଖିବାକୁ ଆରମ୍ଭ କଲେ । ଏଗାର ବର୍ଷ ବୟସରେ ସେ ଅନ୍ତରରେ ଅନୁଭୂତି ଲାଭ କଲେ ଯେ ସାରା ଜଗତ ପାଇଁ ତାଙ୍କୁ ଭୂମିକା ଗ୍ରହଣ କରିବାକୁ ପଡ଼ିବ । ତେରବର୍ଷ ବୟସରେ ସେ ଲଣ୍ଡନ ଯାଇ ସେ[ ପଲ୍‌ସ ସ୍କୁଲରେ ଭର୍ତି ହେଲେ । ସେଠାରେ ସେ ଗ୍ରୀକ୍ ଓ ଫରାସୀ ଭାଷା ଶିଖିଲେ । ଚଉଦ ବର୍ଷ ବେଳକୁ ସେ ଇଉରୋପରେ ଇଂରାଜୀ, ଲାଟିନ୍, ଗ୍ରୀକ୍, ଫରାସୀ, ଇଟାଲିୟାନ୍, ଜର୍ମାନୀ ଓ ସ୍ପେନି ଏହି ପରି ସାତୋଟି ଭାଷାର ଅଧିକାରୀ ହୋଇ ସାରିଥିଲେ । ଏହି ସମୟରେ ତାଙ୍କୁ ନାନା ଦୁଃଖ କଷ୍ଟ ସହ୍ୟ କରିବାକୁ ପଡ଼ିଥିଲା । ଟଙ୍କା ଅଭାବରୁ ବେଳେ ବେଳେ ସେ ଭୋକ ଉପାସରେ ରହୁଥିଲେ । ଶୀତରେ ଘୋଡ଼େଇ ହେବାପାଇଁ ତାଙ୍କ ନିକଟରେ ଚଦରଟିଏ ନଥିଲା । ଶ[illegible] ଅରବିନ୍ଦ ଲଣ୍ଡନରେ ରହି ପାଠ ପଢୁଥିବା ସମୟରେ ତାଙ୍କ ପିତା କୃଷ୍ଣଧନ ତାଙ୍କ ଭିତରେ ଦେଶ ପ୍ରେମର ବୀଜପବନ କରିଥିଲେ । ସେ ସମୟରେ ଭାରତୀୟ ମାନଙ୍କ ପ୍ରତି ଇଂରେଜମାନଙ୍କ ଅକଥନୀୟ ଅତ୍ୟାଚାର ବିଷୟରେ ଚିଠି ଲେଖି ଜଣାଉଥିଲେ । ଏସବୁ ପଢ଼ି ଶ୍ରୀ ଅରବିନ୍ଦଙ୍କ ମନରେ ଦେଶପ୍ରେମର ଭାବ ଜାଗ୍ରତ ହେଲା । ଏହାଥିଲା ଦେଶ କାର୍ଯ୍ୟ ପାଇଁ ଆୟମାରମ୍ଭ । ପରାଧୀନତାର ବନ୍ଧନରୁ ଦେଶକୁ ମୁକ୍ତ କରିବା ପାଇଁ ସେ ତାଙ୍କ ସମଗ୍ର ଜୀବନକୁ ଉତ୍ସର୍ଗ କରି ଦେଇଥିଲେ । ପରାଧୀନତାର ରୁକ୍ଷ ମରୁଭୂମିରେ ସ୍ୱାଧୀନତା - ମନ୍ଦାକିନୀର ଆଦ୍ୟ ଧାରା ବୁହାଇଥିଲେ । ସମଗ୍ର ଭାରତବର୍ଷ ଓ ମାନବ ଜାତି ପାଇଁ ତାଙ୍କ ଅବଦାନ ଅତୁଳନୀୟ । ପରବର୍ତୀ ସମୟରେ ଏହି ଅସାଧାରଣ ବାଳକ 'ଶ୍ରୀ ଅରବିନ୍ଦ' ନାମରେ ପରିଚିତ ହେଲେ । ସୌଭାଗ୍ୟ ବଶତଃ ତାଙ୍କ ଜନ୍ମ ତିଥିରେ ହିଁ ଭାରତ ସ୍ୱାଧୀନ ହେଲା । ୧୯୫୦ ମସିହା ଡିସେମ୍ବର ୫, ରାତ୍ର ୧.୨୦ ମିନିଟ୍ ସମୟରେ ୭୮ ବର୍ଷ ବୟସରେ ମହାଯୋଗୀ ଦେହତ୍ୟାଗ କରିଥିଲେ ।

*ପ୍ରଫେସର ଓ ବିଭାଗୀୟ ମୁଖ୍ୟ, ଶିଶୁରୋଗ ବିଭାଗ, ଫକୀରମୋହନ ମେଡ଼ିକାଲ କଲେଜ, ବାଲେଶ୍ୱର*

# ବାବାସାହେବ ଭୀମରାଓ ଆମ୍ବେଦକର



ଡକ୍ଟର ତପନ କୁମାର ପାଳ

୧୯୪୭ ମସିହା ଭାରତ ସ୍ୱାଧୀନ ହେଲା । ତାପରେ କଥା ପଡ଼ିଲା ଦେଶ ଚାଲିବ କେମିତି, ଏହାକୁ ଚଳାଇବ କିଏ । ସେଥିପାଇଁ କିଛି ନୀତି ନିୟମ ଓ ଆଇନ କାନୁନ୍‌ର ଆବଶ୍ୟକ ପଡ଼ିଲା । ଫଳରେ ତିଆରି ହେଲା ଆମର ସମ୍ବିଧାନ ଯାହାକି ବିଶ୍ୱର ସର୍ବବୃହତ୍ ସମ୍ବିଧାନର ମାନ୍ୟତା ପାଇଛି । ସମ୍ବିଧାନ ଚିଠା ପ୍ରସ୍ତୁତି ପାଇଁ ଗଠନ ହେଲା ସମ୍ବିଧାନ ସଭା । ମାତ୍ର ଜାଣିଛ କି ପିଲାଏ ଏହି ସମ୍ବିଧାନର ପ୍ରକୃତ ପ୍ରଣେତା କିଏ ? ସମ୍ବିଧାନ ପ୍ରଣେତା ହେଉଛନ୍ତି ବାବା ସାହେବ ଭୀମରାଓ ଆମ୍ବେଦକର । ସେନା ସୁବେଦାର ମେଜର୍ ରାମ୍‌ଜୀ ମାଲୋଜୀ ସକ୍‌ପାଲ ଓ ଭୀମାବାଈଙ୍କ ୧୪ତମ ସନ୍ତାନ ଭୀମରାଓ । ତାଙ୍କର ଜନ୍ମ ମହାରାଷ୍ଟ୍ରର ରତ୍ନଗିରି ଜିଲ୍ଲାର ଆମ୍ବାଭାଦେକର ଗ୍ରାମରେ ୧୮୯୧ ମସିହା ଏପ୍ରିଲ ୧୪ ତାରିଖରେ । ପିଲାଦିନୁ ଅତ୍ୟନ୍ତ ମେଧାବୀ ଥିବା ଭୀମରାଓ ପରବର୍ତୀ ସମୟରେ ସାହାସୀ, ଧୈର୍ଯ୍ୟବାନ, ନିଷ୍ଠାବାନର ପରିଚୟ ଦେଇଥିଲେ । ମୁମ୍ବାଇର ଏଲ୍‌ଫିନ୍‌ଷ୍ଟୋନ୍ କଲେଜରୁ ଏଫ୍‌ଏ ପାସ୍ ପରେ ଉଚ୍ଚଶିକ୍ଷା ପାଇଁ ଯାଇଥିଲେ ଯୁକ୍ତରାଷ୍ଟ୍ର ଆମେରିକାର କଲମ୍ବିଆ ବିଶ୍ୱବିଦ୍ୟାଳୟ । ସେଠାରୁ ଏମ୍‌ଏ ଡିଗ୍ରୀ ପରେ ପିଏଚ୍‌ଡ଼ି ମଧ୍ୟ କରିଥିଲେ । ତା ପରେ ସେ ପରିଚିତ ହେଲେ ଡକ୍ଟର ଆମ୍ବେଦକର ଭାବରେ । ତଥାପି ସନ୍ତୁଷ୍ଟ ହୋଇନଥିଲେ ଜ୍ଞାନୀ ଭୀମରାଓ । ବିଲାତ ଯାଇ ସେଠାରୁ ଆଇନ, ଅର୍ଥଶାସ୍ତ୍ର ଓ ରାଜନୀତି ବିଜ୍ଞାନରେ ଡିଗ୍ରୀ ହାସଲ କଲେ । ସ୍ୱଦେଶ ଫେରିବା ପରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଅହିଂସା ଆନ୍ଦୋଳନର ସହ ଅସ୍ପୃଶ୍ୟତା ଓ ଜାତିଭେଦ ବିରୋଧରେ ଆନ୍ଦୋଳନର ନେତୃତ୍ୱ ନେଲେ ଆମ୍ବେଦକର । ସ୍ନେହରେ ତାଙ୍କୁ ଡାକୁଥିଲେ ସମସ୍ତେ ବାବାସାହେବ । ତୀକ୍ଷ୍ଣ ବୁଦ୍ଧିସମ୍ପନ୍ନ, ଆଇନ ବିଶାରଦ ଆମ୍ବେଦକର ହୋଇଥିଲେ ସ୍ୱାଧୀନ ଭାରତର ପ୍ରଥମ ଆଇନ ମନ୍ତ୍ରୀ ଏବଂ ସମ୍ବିଧାନ ଚିଠା କମିଟିର ଥିଲେ ଅଧ୍ୟକ୍ଷ । ସମ୍ବିଧାନରେ ଦଳିତବର୍ଗଙ୍କ ସ୍ୱାର୍ଥର ସୁରକ୍ଷା ପାଇଁ ଆବଶ୍ୟକ ଧ୍ୟାନ ଦେଇଥିଲେ ସେ । ଶେଷରେ ୧୯୪୯ ମସିହା ନଭେମ୍ବର ୧ ତାରିଖରେ ଚିଠା ସମ୍ବିଧାନ ସରକାରଙ୍କ ସ୍ୱୀକୃତି ଲାଭ କଲା । ହିନ୍ଦୁ ଜାତିପ୍ରଥାରେ ଅତିଷ୍ଠ ହୋଇ ସେ ବୌଦ୍ଧଧର୍ମ ଗ୍ରହଣ କରିଥିଲେ । ଜାଣିଛ ପିଲାଏ ସେ ବହି ପଢ଼ିବାକୁ ଏତେ ଭଲ ପାଉଥିଲେ ଯେ ଥରେ ନ୍ୟୁୟର୍କ ଯାଇଥିବାବେଳେ ଏକାଥରକେ ୨୦୦୦ ବହି କିଣି ପକାଇଥିଲେ । ୧୯୫୬ ଡିସେମ୍ବର ୬ ତାରିଖରେ ଦେହତ୍ୟାଗ କରିଥିବା ଏହି ମହାନ୍ ବ୍ୟକ୍ତିତ୍ୱ ଶିକ୍ଷା ଦେଇ ଯାଇଛନ୍ତି କିଭଳି ନିଜର ବୁଦ୍ଧିମତା ସହ ନିଷ୍ଠା, କଠୋର ପରିଶ୍ରମ ଓ ସଚ୍ଚୋଟତା ଜଣକୁ ଶୀର୍ଷକୁ ଉଠିବାରେ ସାହାଯ୍ୟ କରେ ।

*ଏସବିଆଇ, ଷ୍ଟାଫ କଲୋନୀ,*
*ଦେଉଳ ସାହି, ତୁଳସୀପୁର,*
*କଟକ*

